



# ଯୁବକଙ୍କୁ ଅପହରଣ ପରେ ଆକ୍ରମଣ; ୨ ଗିରଫ





ଭୁବନେଶ୍ୱର,୭।୬(ସମିସ): ଯୁବକଙ୍କୁ ଅପହରଣ କରି ଆକ୍ରମଣ ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ, ବଡ଼ଗଡ଼ ଉପର ସାହିର ଶିବାନନ୍ଦ ଦାସ (୨୩) ଓ ଭୋଇ ସାହିର ପୃଥ୍ୱୀରାଜ ଭୋଇ ଓରଫ୍ ଜୀବନ (୨୪)।

ପୁଲିସ ସୂଚନା ଅନୁସାରେ, ବଡ଼ଗଡ଼ କେନାଲ ରୋଡରେ ରହୁଥିବା ରାଜେଶ ନାୟକ ଗତକାଲି ସନ୍ଧ୍ୟାରେ ଭାସ୍କରେଶ୍ୱର ପାର୍କ ଭିତରେ ବୁଲୁଥିଲେ। ସେହି ସମୟରେ ଶିବାନନ୍ଦ, ଜୀବନ ଓ ସହଯୋଗୀମାନେ ପୂର୍ବ ବିବାଦକୁ କେନ୍ଦ୍ରକରି ରାଜେଶ ଓ ତାଙ୍କ ବନ୍ଧୁମାନଙ୍କୁ ଆକ୍ରମଣ କରିଥିଲେ। ଏହାପରେ ରାଜେଶଙ୍କୁ ଜୋରଜବରଦସ୍ତ ପାର୍କ ବାହାରକୁ ଆଣି ବାଇକରେ ଅପହରଣ କରି ନେଇଥିଲେ। ସେଠାରୁ ବଡ଼ଗଡ଼ ମଶାଣି ଅଞ୍ଚଳକୁ ନେଇ ପୁଣିଥରେ ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ରାଜେଶଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ପଳାଇଥିଲେ। ଏନେଇ ରାଜେଶ ବଡ଼ଗଡ଼ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଶିବାନନ୍ଦ ଓ ଜୀବନଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କଠାରୁ ବାଇକ୍ ଓ ଲୁଟ୍ ମୋବାଇଲ ଫୋନ ଜବତ କରିଥିଲା।

## ହୋଟେଲ ରୁମ୍‌ରେ ଉନ୍ମତ୍ତ କାଣ୍ଡ

# କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ; ବିମାନସେବା କର୍ମଚାରୀଙ୍କ ସମେତ ୪ ଗିରଫ

ଭୁବନେଶ୍ୱର,୭।୬(ସମିସ):



ହୋଟେଲ ରୁମ୍‌ରେ ମଦ୍ୟପାନ କରି ଉନ୍ମତ୍ତ କାଣ୍ଡ ଭିଆଇଛନ୍ତି ୪ ଯୁବକ। ଅସାମାଜିକ କାର୍ଯ୍ୟକଳାପକୁ ବିରୋଧ କରିବାରୁ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି। ହୋଟେଲ ଡାୟନିକ୍ସରେ ଏଭଳି କାଣ୍ଡ ଘଟିଥିବା ବେଳେ ୪ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ବିମାନସେବା କର୍ମଚାରୀ ତଥା ବ୍ରହ୍ମପୁର କମାପଲ୍ଲୀର ସାର୍ଥକ ପଣ୍ଡା (୨୭), ଭୋଇନଗରର ଶୁଭ୍ରାଂଶୁ ତ୍ରିପାଠୀ (୨୬), କ୍ୟାପିଟାଲ ଥାନା ଅଞ୍ଚଳର ଅଭିଷେକ କୁଜୁର (୨୩) ଓ ସହିଦନଗରର ଅତିଶ ପଣ୍ଡା (୨୭)।

ପୁଲିସ ସୂଚନା ଅନୁଯାୟୀ, ନୂଆଦିଲ୍ଲୀ ସ୍ଥିତ ଏକ ଘରୋଇ ବିମାନସେବା କମ୍ପାନୀ କର୍ମଚାରୀ ସାର୍ଥକ ସହିଦନଗରରେ ଅବସ୍ଥିତ ହୋଟେଲ ଡାୟୋନିକ୍ସରେ ଦୁଇଟି ରୁମ୍ ବୁକ୍ କରିଥିବା ବେଳେ ଶୁଭ୍ରାଂଶୁ, ଅଭିଷେକ ଓ ଅତିଶ ସହ ମିଶି ରହୁଥିଲେ। ବିଳମ୍ବିତ ରାତିରେ ଜଣେ ଯୁବତୀ ସେମାନଙ୍କୁ ଭେଟିବାକୁ ହୋଟେଲକୁ ଆସିଥିଲେ। ସମସ୍ତେ ମିଶି ରୁମ୍ ଭିତରେ ଜୋର୍‌ରେ କଥାବାର୍ତ୍ତା ହେବା ସହ ପରସ୍ପରକୁ ଗାଳି ଦେଉଥିଲେ। ଫଳରେ ହୋଟେଲ ପରିସରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ହୋଟେଲ କର୍ମଚାରୀ ଆକାଶ ଓ ବିକାଶ ସେମାନଙ୍କୁ ଏପରି କରିବାକୁ ବାରଣ କରିଥିଲେ। ଅଭିଯୁକ୍ତମାନେ ମିଶି ଆକାଶ ଓ ବିକାଶଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ପ୍ରଶାନ୍ତ ସାହୁ ନାମକ ଅନ୍ୟ ଜଣେ ହୋଟେଲ କର୍ମଚାରୀ ବୁଝାସୁଝା କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ରୁମ୍ ଭିତରକୁ ଟାଣି ନେଇଥିଲେ। ପ୍ରଶାନ୍ତଙ୍କ ବେକରେ ଗାମୁଛା ଭିଡ଼ି ହତ୍ୟା ଉଦ୍ୟମ କରିଥିଲେ। ଏଥିସହିତ ହୋଟେଲର ବିଭିନ୍ନ ମୂଲ୍ୟବାନ ସାମଗ୍ରୀକୁ କ୍ଷତି ପହଞ୍ଚାଇଥିଲେ। ଅଞ୍ଜନା ଦାସଙ୍କ ଅଭିଯୋଗ କ୍ରମେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଛି।

# ବାଲି ବୋଝେଇ ହାଇୱା ଜବତ; ଚାଳକ ଗିରଫ



ହଂସପାଳ,୭।୬(ସମିସ): ବେଆଇନ ବାଲି ଚାଲାଣ ଅଭିଯୋଗରେ ପାହାଳ ଥାନା ପୁଲିସ ଏକ ହାଇୱା ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ନୟାଗଡ଼ ଖଣ୍ଡପଡ଼ା ଥାନା ରୟିତ ଢୋଲମରା ଗ୍ରାମର ଶ୍ରୀଧର ବଳିଆ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।

ସୂଚନା ଅନୁସାରେ ପାହାଳ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ହଂସପାଳ ଛକ ନିକଟରେ ରାତିରେ ବ୍ଲକିଂ-ଚେକିଂ କରୁଥିଲା। ଏକ ବାଲି ଭର୍ତ୍ତି ଟ୍ରକ୍ ପୁରୀ କେନାଲ ପାଶ୍ୱର୍ରୁ ହଂସପାଳ ଛକ ଅଭିମୁଖେ ଆସୁଥିବାବେଳେ ପୁଲିସକୁ ଦେଖି ଚାଳକ ଦ୍ରୁତ ଗତିରେ ଗାଡ଼ି ନେଇ ଖସି ଯିବାକୁ ଉଦ୍ୟମ କରିଥିଲା। ପିଛା କରି ପୁଲିସ ଟିମ୍ ଅଟକାଇ ଯାଞ୍ଚ କରିବାରୁ ଟ୍ରକରେ ବାଲି ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ବାଲି ଚାଲାଣ ନେଇ ଆବଶ୍ୟକୀୟ କାଗଜପତ୍ର ଚାଳକ ଦେଖାଇପାରିନଥିଲେ। ପଚରାଉଚରାବେଳେ ସେ ସ୍ୱୀକାର କରିଥିଲେ ଯେ, ଟ୍ରକର ମାଲିକ ସଦାନନ୍ଦ ସାହୁଙ୍କ ନିର୍ଦ୍ଦେଶ କ୍ରମେ ସେ ବେଆଇନ ଭାବରେ ବାଲି ପରିବହନ କରୁଥିଲେ। ଏହାପରେ ଅଭିଯୁକ୍ତ ଚାଳକଙ୍କ ସହିତ ବାଲି ବୋଝେଇ ଟ୍ରକକୁ ପାହାଳ ଥାନାକୁ ଅଣାଯାଇଥିଲା।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ଯୁବକ ଗିରଫ



ହଂସପାଳ, ୭।୬ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ଜୋର୍ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା ଅଭିଯୋଗରେ ପାହାଳ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରେଇ ଥାନା ବେଣିପୁର ଗ୍ରାମର ସର୍ବେଶ୍ୱର ମଲ୍ଲିକ୍ (୩୬)।

ଅଭିଯୋଗକାରୀ ଯୁବତୀ ଜଣକ ବମିଖାଲରେ ଏକ କମ୍ପାନୀରେ କାମ କରୁଥିବାବେଳେ ସର୍ବେଶ୍ୱର ସେହି କମ୍ପାନୀର ମ୍ୟାନେଜର ଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ଏବଂ ଉଭୟ ଏକ ଘର ଭଡ଼ା ନେଇ ଲିଭ୍-ଇନ୍ ରିଲେସନରେ ରହୁଥିଲେ। ସର୍ବେଶ୍ୱର ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଯୁବତୀଙ୍କ ଠାରୁ ଦୂରେଇ ଯିବାକୁ ଚେଷ୍ଟା କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଯୁବତୀ ଜଣକ ପାହାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ସର୍ବେଶ୍ୱରଙ୍କୁ ପୁଲିସ ଗିରଫ କରିଛି।

# ନିୟତି ଫାଉଣ୍ଡେସନର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୭।୬ (ସମିସ): ନିୟତି ଫାଉଣ୍ଡେସନ ୧୪ତମ ପ୍ରତିଷ୍ଠା ଦିବସ ଏହାର ମୁଖ୍ୟ କାର୍ଯ୍ୟାଳୟରେ ଜୁନ୍ ୬ ଓ ୭ ତାରିଖରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ୨୬ଟି ଜିଲ୍ଲାରେ ଥିବା ବିଭିନ୍ନ ପ୍ରକଳ୍ପରୁ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ।

୬ ତାରିଖ ସାନ୍ଧ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିୱାଏସ୍‌ଡିର ମାର୍ଗଦର୍ଶକ ଓ ସହ ପ୍ରତିଷ୍ଠାତା ଶ୍ରୀ ଜଗଦାନନ୍ଦ ଯୋଗଦେଇ ନିୟତି ଫାଉଣ୍ଡେସନ ଦ୍ୱାରା ସମାଜ ସେବା କ୍ଷେତ୍ରରେ କରାଯାଉଥିବା ଉଲ୍ଲେଖନୀୟ କାର୍ଯ୍ୟର ପ୍ରଶଂସା କରିଥିଲେ। ଅନ୍ୟ ବିଶିଷ୍ଟ ଅତିଥିମାନେ ଆନୁଷ୍ଠାନର ଦୀର୍ଘାୟୁ କାମନା କରିଥିଲେ। ୭ ତାରିଖ ସାନ୍ଧ୍ୟ ଉତ୍ସବରେ ଅତିଥି ଭାବରେ ରାଜ୍ୟ ବିଜେପି ଉପସଭାପତି ଗୋଲକ ମୋହାପାତ୍ର, ନାଲ୍‌କୋର ସିଭିଓ ପ୍ରଣବଜ୍ୟୋତି ନାଥ, ସମବାୟ ବିଭାଗର ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ବିଶ୍ୱ ଦକ୍ଷତା କେନ୍ଦ୍ରର ଚିଫ୍ ଅପରେଟିଂ ଅଫିସର ପିନାକୀ ପଟ୍ଟନାୟକ ଯୋଗଦେଇ ଫାଉଣ୍ଡେସନର ତୃଣମୂଳ ଓ ଅପହଞ୍ଚ ଜିଲ୍ଲା ମାନଙ୍କରେ ଶିଶୁ, ଯୁବକ, ମହିଳା ଓ ଦିବ୍ୟାଙ୍ଗ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପୋଷଣ, ଶିକ୍ଷା, ଜୀବିକା ଆଦିର ବିକାଶ କାର୍ଯକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ, ସମାଜ ସେବା ଏବଂ ଗଣମାଧ୍ୟମ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରୁଥିବା ୧୪ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ଅତିଥି ବୃନ୍ଦ ସମ୍ମାନିତ କରିଥିଲେ। ଫାଉଣ୍ଡସେନର ଅଧ୍ୟକ୍ଷ ନିର୍ମଳ କୁମାର ପଣ୍ଡା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଇତିଶ୍ରୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ ପ୍ରତିଷ୍ଠା ଦିବସ ଉପଲକ୍ଷେ ୧୪ହଜାର ଚାରା ରୋପଣ, ୨୨ଶହ ଶିଶୁଙ୍କୁ ସୁଷମ ରନ୍ଧାଖାଦ୍ୟ ବଣ୍ଟନ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଦିର ଆୟୋଜନ କରାଯାଇଥିଲା।

# ଦୃଷ୍ଟିହୀନ ମହିଳାଙ୍କୁ ଅସଦାଚରଣ

ଭୁବନେଶ୍ୱର,୭।୬(ସମିସ): ଜଣେ ଦୃଷ୍ଟିହୀନ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ଅଞ୍ଚଳର ସଞ୍ଜୟ ମହାନ୍ତି ଓରଫ୍ ରକି (୩୦)। ସେ ବଡ଼ଗଡ଼ ଥାନା ଅଞ୍ଚଳରେ ରୁହନ୍ତି। ପୁଲିସ ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ଜଣେ ଦୃଷ୍ଟିହୀନ ମହିଳା ଚାଲି ଚାଲି ଘରକୁ ଫେରୁଥିଲେ। ନିଛାଟିଆ ରାସ୍ତାରେ ଏକା ଦେଖି ସଞ୍ଜୟ ତାଙ୍କୁ ଅଟକାଇ ଟଣାଓଟରା କରିବା ସହ ଅସଦାଚରଣ କରିଥିଲା। ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଏକାଠି ହୋଇଯିବାରୁ ସଞ୍ଜୟ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଏନେଇ ଦୃଷ୍ଟିହୀନ ମହିଳାଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗୁରୁ ଦୟାନିଧି ଦାସଙ୍କ ଜୟନ୍ତୀ



ଭୁବନେଶ୍ୱର, ୭।୬(ସମିସ): ଗୁରୁ ଦୟାନିଧି ଦାସଙ୍କ ଶହେତମ ଜୟନ୍ତୀ ଉତ୍ସବ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଦୟାନିଧି ସ୍ମୃତି କଳା ପରିଷଦ ଏବଂ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ମିଳିତ ଉଦ୍ୟମରେ ଏହି ଜୟନ୍ତୀ ପ୍ରତିବର୍ଷ ପାଳିତ ହୋଇଆସୁଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ଏବଂ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ତଥା ଗବେଷକ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଚିସ୍ମିତା ମନ୍ତ୍ରୀ ଏବଂ ଡ. ପ୍ରିୟମ୍ବଦା ନାୟକ ଉପସ୍ଥିତ ଥିଲେ।

ଓଡ଼ିଶୀ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ବୁଦ୍ଧଦେବ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶୀ ନୃତ୍ୟ ଜଗତକୁ ଗୁରୁ ଦୟାନିଧି ଦାସଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ବକ୍ତାମାନେ କହିଥିଲେ। କଳା ବିକାଶ କେନ୍ଦ୍ର ପ୍ରତିଷ୍ଠା, ଏବଂ ଓଡ଼ିଶୀ ନୃତ୍ୟ ଶିକ୍ଷାଦାନ କ୍ଷେତ୍ରରେ ସେ ହେଉଛନ୍ତି ପ୍ରଥମ ଉଦ୍ୟୋକ୍ତା। ଓଡ଼ିଶୀ ନୃତ୍ୟର ଅନୁଷ୍ଠାନିକ ଶିକ୍ଷାଦାନ ତାଙ୍କଠାରୁ ଆରମ୍ଭ ହୋଇଛି। ଓଡ଼ିଶୀ ନୃତ୍ୟ ଶିକ୍ଷାଦାନ ନିମନ୍ତେ ସର୍ବ ପ୍ରଥମେ ସିଏ ପ୍ରସ୍ତୁତ କରିଥିଲେ ପାଠ୍ୟକ୍ରମ ଏବଂ ନାମ ଦେଇଥିଲେ ଓଡ଼ିଶୀ ନୃତ୍ୟ। କଳା ବିକାଶ କେନ୍ଦ୍ରର ସେ ହେଉଛନ୍ତି ପ୍ରଥମ ନୃତ୍ୟ ଗୁରୁ ବୋଲି ବକ୍ତାମାନେ କହିଥିଲେ। ଦୟାନିଧି ସ୍ମୃତି କଳା ପରିଷଦର ସଭାପତି ଡ. ପ୍ରଫୁଲ୍ଲ କୁମାର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମବେତ କଣ୍ଠ ସଙ୍ଗୀତ, ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ, ମୀରା ଭଜନ, ଓଡ଼ିଶୀ ନୃତ୍ୟ, ଶିଶୁ ନୃତ୍ୟ ରୂପକ, ପଲ୍ଲୀ ନୃତ୍ୟ, ଆଧୁନିକ ନୃତ୍ୟ ଏବଂ ନାଟକ ପରିବେଷିତ ହୋଇଥିଲା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦୟାନିଧି ସ୍ମୃତି କଳା ପରିଷଦର ସମ୍ପାଦିକା ଡକ୍ଟର ବିଜୟ ଲକ୍ଷ୍ମୀ। ଦୟାନିଧି ସ୍ମୃତି କଳା ପରିଷଦର ଉପସଭାପତି ନରସିଂହ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଅନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ 'ଦେବାଂଶୀ'

ଭୁବନେଶ୍ୱର,୭।୬(ସମିସ): ନୃତ୍ୟକଳା ଡ୍ୟାନ୍ସ ଏକାଡ଼େମୀ ତରଫରୁ ଆନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ 'ଦେବାଂଶୀ' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରର ୨ଶହରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅନ୍ତର୍ଜାତୀୟ ମହୋତ୍ସବରେ ଓଡ଼ିଶୀ, ଭାରତନାଟ୍ୟମ୍, କଥକ, କୁଚିପୁଡ଼ି, ରାଜସ୍ଥାନୀ ନୃତ୍ୟ, ସମ୍ବଲପୁରୀ, ଘୁମର ଓ ସେମି କ୍ଲାସିକାଲ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଗୁରୁ ଧନେଶ୍ୱର ସ୍ୱାଇଁ, ନୃତ୍ୟ ଗୁରୁ ମିନାକ୍ଷୀ ବେହେରା, ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ, ନୃତ୍ୟ ଗୁରୁ ଡ. ମନୋଜ ବେହେରା ଓ ଦିବ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟକଳା ଡ୍ୟାନ୍ସ ଏକାଡ଼େମୀ ତରଫରୁ କଳାକାରଙ୍କୁ 'ଦେବାଂଶୀ' ନୃତ୍ୟ ଗୌରବ ଚୂଡ଼ାମଣୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗୁରୁ ଭରତ ଚରଣ ଗିରିଙ୍କୁ 'ଦେବାଂଶୀ ଗୁରୁଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସର୍ମିଷ୍ଠା ମହାପାତ୍ର ମଞ୍ଚ ପରିଚାଳନା ଓ ଆୟୋଜିକା ଗୁରୁ ଡ଼. ଜ୍ୟୋତିର୍ମୟୀ ସୁପକାର ଓ ସନ୍ତୋଷ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ୪ର୍ଥ ମୁଣ୍ଡମୁହାଁଣ ରଜ ମହୋତ୍ସବ

# ୫୦ରୁ ଊର୍ଦ୍ଧ୍ୱ ଦୋଳି ମୁଖ୍ୟ ଆକର୍ଷଣ

ଯାଁଳା,୭।୬(ସମିସ):



ବିଗତବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ ଉତ୍କଳୀୟ ଗଣପର୍ବ ରଜ ଗ୍ରାମେଶ୍ୱର ଯୁବ ପରିଷଦ, ମୁଣ୍ଡମୁହାଁଣ ଆନୁକୂଲ୍ୟରେ ୪ଦିନ ଧରି ପାଳିତ ହେବାକୁ ଯାଉଛି। ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଛି। ୧୪ରୁ ୧୭ ଜୁନ୍ ପର୍ଯ୍ୟନ୍ତ ୪ଦିନ ଧରି ଶ୍ରୀ ଗ୍ରାମେଶ୍ୱର ଦେବଙ୍କ ମେଳଣ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଗ୍ରାମେଶ୍ୱର ଯୁବ ପରିଷଦ ଓ ମୁଣ୍ଡମୁହାଁଣ ଗ୍ରାମବାସୀଙ୍କ ସହଯୋଗରେ ଅନେକ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ ସହିତ ପ୍ରଥମ ଦୁଇ ସନ୍ଧ୍ୟାରେ ଓଡ଼ିଆ ସଂଗୀତ ସୁନାମଧନ୍ୟ ଗାୟକ ମନ୍ଟୁ ଛୁରିଆ ଏବଂ ଅର୍ପିତା ଚୌଧୁରୀ କଳା ପ୍ରଦର୍ଶନ କରିବେ।

ଶେଷ ରଜ ଦୁଇ ସନ୍ଧ୍ୟାରେ ଯୁବଶ୍ରୀ କ୍ଲବ, ବଡରଘୁନାଥପୁର ଓ ବୀଣାପାଣି ଆସୋସିଏସନ, ତମାଣ୍ଡୋ ଦ୍ୱାରା ଦୁଇଟି ସାମାଜିକ ନାଟକ ପରିବେଷଣ କରାଯିବ। ଚାରିଦିନ ଧରି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବାକୁ ଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଦୋଳି ରଜ ମଉଜର ମୁଖ୍ୟ ଆକର୍ଷଣ ରହିବ। ଏନେଇ ସୂଚନା ଦେଇଛନ୍ତି ଯୁବ ପରିଷଦ ବରିଷ୍ଠ ପରିଚାଳକ ଜଗତ ଜେନା ଏବଂ ପରିଚାଳକ ଅମ୍ବରୀଶ ମଙ୍ଗରାଜ। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅନ୍ୟାନ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ବିଶ୍ୱଜିତ ସୁବୁଦ୍ଧି, ରୋସନ ସାମନ୍ତରାୟ, ସୁନୀଲ ସାହୁ, ଅନିଲ ମଙ୍ଗରାଜ, ସୁନୀଲ ମଙ୍ଗରାଜ, ବିକାଶ ବାରିକ, ମାନସ ବାରିକ, ସନ୍ତୋଷ ପରିଡ଼ା ଜଗନ୍ନାଥପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷାକ କୃପାସିନ୍ଧୁ ପ୍ରଧାନ ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଓ ଶୁଭେଚ୍ଛା କାମନା କରିଛନ୍ତି।

## ଲିଙ୍ଗରାଜ ମନ୍ଦିରରେ ରବିବାରିଆ ଭିଡ଼

# ଶୌଚାଳୟ ଅଭାବରୁ ଶ୍ରଦ୍ଧାଳୁ ହୀନସ୍ତା



ଭୁବନେଶ୍ୱର,୭।୬(ସମିସ): ଏକାମ୍ର କ୍ଷେତ୍ରରେ ରବିବାର ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଲିଙ୍ଗରାଜଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ସିଂହଦ୍ୱାର ଠାରୁ ଲାଇନ୍‌ରେ ରହିଥିଲେ।

### ଏକାମ୍ର ପ୍ରକଳ୍ପରେ ନିର୍ମିତ ଶୌଚାଳୟରେ ତାଲା

ଅପରାହ୍ନରେ ସାହାଣ ମେଲା ଦର୍ଶନ କରିବାକୁ ଏହି ଭିଡ଼ ଜମିଥିଲା। କିଛିଦିନ ହେବ ଟାଣ ଖରା ଯୋଗୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ସାମାନ୍ୟ କମ୍ ରହୁଥିବାବେଳେ ରବିବାର କୋହଲା ପାଗ ଯୋଗୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ମାତ୍ର ଧାଡ଼ିରେ ଛିଡ଼ା ହୋଇଥିବା ଶ୍ରଦ୍ଧାଳୁ ଶୌଚାଳୟ ପାଇଁ ନାହିଁ ନଥିବା ହୀନସ୍ତା ହେଉଥିବା ଦେଖିବାକୁ ମିଳିଥିଲା। ଏକାମ୍ର ପ୍ରକଳ୍ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ନିର୍ମିତ ହୋଇଥିବା ଶୌଚାଳୟ ଆରମ୍ଭରୁ ବନ୍ଦ ପଡ଼ିଛି। ଏହି ଶୌଚାଳୟ କେବେ ଖୋଲିବ କାହାକୁ ଜଣାନାହିଁ। ଗାଡ଼ି ପାର୍କିଂ ପଟେ ଯେଉଁ ଶୌଚାଳୟ ରହିଛି ସେ କେବେ ଖୋଲୁଛି ତ କେବେ ପୁଣି ବନ୍ଦ ରହୁଛି। ଫଳରେ ଦୂରରୁ ଆସୁଥିବା ଶ୍ରଦ୍ଧାଳୁମାନେ ନାନା ହଇରାଣ ହେଉଛନ୍ତି। ବିଶେଷ କରି ବରିଷ୍ଠମାନେ ବହୁ ହନ୍ତସନ୍ତ ହେଉଛନ୍ତି। ଅନେକ ଶ୍ରଦ୍ଧାଳୁ ଦିଅଁଙ୍କୁ ଦର୍ଶନ କରିବାକୁ ଆସିପାରୁନାହାନ୍ତି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ଏନେଇ ଭଦ୍ରକରୁ ଆସିଥିବା ଶ୍ରଦ୍ଧାଳୁ ରୀନାମଣି କୁହନ୍ତି ଏତେ ବାଟରୁ ଆସିବା ପରେ ଶୌଚାଳୟ ଦରକାର ପଡୁଛି। ହେଲେ ଏଠାରେ ଶୌଚାଳୟ ନ ପାଇ ହୀନସ୍ତା ହେଉଛୁ। ସେହିପରି କଟକରୁ ଆସିଥିବା ଗିରିଶ ମୁର୍ମୁ କୁହନ୍ତି କେବଳ ମନ୍ଦିରକୁ ନେଇ ଝଗଡ଼ା ବହୁତ ହେଉଛି ହେଲେ ଏତେ ଅସୁବିଧା ଥିଲେ ବି କାହାକୁ ଦେଖାଯାଉନି। ଏଥିପାଇଁ ଜଣେ ବି ହେଲେ ପାଟି ଫିଟାଉନାହାନ୍ତି। ଯଦି ସେବାୟତ ହୁଅନ୍ତୁ ଅବା ପ୍ରଶାସନ ଏହି ଛୋଟ ଛୋଟ ଅସୁବିଧାକୁ ଦୃଷ୍ଟି ଦିଅନ୍ତେ ତେବେ ଶ୍ରଦ୍ଧାଳୁମାନେ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି।

